

Odia Daily

www.theutkalsamachar.com

ଉତ୍କଳ ସମାଗମ

ଦୈନିକ ଚେତନାର ପ୍ରଖ୍ୟାତ

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR



+Vol - 22+ Issue No:204+21 November 2026 (Saturday)+Rourkela +Rs.2.00 +Page -1 +୨୨ ବର୍ଷ +ସଂଖ୍ୟା:୨୦୪+୨୧ ନଭେମ୍ବର ୨୦୨୬ (ଶନିବାର)+ ରାଉରକେଲା +ମୂଲ୍ୟ:ଟ.୨.୦୦+ ପୃଷ୍ଠା-୬

ଦୁଇ ଦିନିଆ ଭାରତ ଗସ୍ତରେ ଆସିବେ ନେପାଳ ପ୍ରଧାନମନ୍ତ୍ରୀ



ଭାରତ-ନେପାଳ ସମ୍ପର୍କକୁ ମିଳିବ ନୂଆ ଦିଗ !

ନୂଆଦିଲ୍ଲୀ,୨୦/୧୧:ଦୁଇ ଦିନିଆ ଭାରତ ଗସ୍ତରେ ଆସିବେ ନେପାଳର ପ୍ରଧାନମନ୍ତ୍ରୀ ବାଲେନ୍ଦ୍ର ଶାହ। ପ୍ରଧାନମନ୍ତ୍ରୀ ନରେନ୍ଦ୍ରମୋଦିଙ୍କ ନିମନ୍ତ୍ରଣକ୍ରମେ ସେ ନଭେମ୍ବର ୨୨ ଓ ୨୩ ତାରିଖରେ ଭାରତ ଆସିବେ। ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଏନେଇ ଆନୁଷ୍ଠାନିକ ସୂଚନା ଦିଆଯାଇଛି। ମାର୍ଚ୍ଚ ମାସରେ ନେପାଳର ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ବାଲେନ୍ଦ୍ରଶାହଙ୍କ ଏହା ପ୍ରଥମ ଭାରତ ଗସ୍ତ ହେବ। ଏହି ଗସ୍ତ ଅବସରରେ ସୋମବାର ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ବାଲେନ୍ଦ୍ର ଶାହଙ୍କର ବ୍ୟାପକ ଆଲୋଚନା ହେବ। ଏଥିରେ ଭାରତ ଓ ନେପାଳ ମଧ୍ୟରେ ଥିବା ଦ୍ୱିପାକ୍ଷିକ ସମ୍ପର୍କର ସମୀକ୍ଷା କରାଯିବା ସହ ଆଞ୍ଚଳିକ ଓ ଅନ୍ତର୍ଜାତୀୟ ସ୍ତରର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ମତ ବିନିମୟ ହେବ। ବୈଦେଶିକ ମନ୍ତ୍ରଣାଳୟ ଅନୁସାରେ, ଏହି ଗସ୍ତ ଦୁଇ ଦେଶ ମଧ୍ୟରେ ନିୟମିତ ଉଚ୍ଚସ୍ତରୀୟ ଆଦାନପ୍ରଦାନର ପରମ୍ପରାକୁ ଆହୁରି ଆଗକୁ ବଢ଼ାଇବ। ଏହା ସହ ଭାରତର 'ପଡ଼ୋଶୀ ପ୍ରଥମ' ନୀତିରେ ନେପାଳକୁ ଦିଆଯାଉଥିବା ଗୁରୁତ୍ୱ ମଧ୍ୟ ପ୍ରତିଫଳିତ ହେବ। ଏହି ଗସ୍ତ ଦ୍ୱାରା ଦୁଇ ଦେଶର ସହଭାଗିତା ଆହୁରି ସୁଦୃଢ଼ ହେବା ସହ ପାରସ୍ପରିକ ଲାଭଦାୟକ ସହଯୋଗର ନୂଆ ସୁଯୋଗ ସୃଷ୍ଟି ହେବ ବୋଲି ଆଶା କରାଯାଉଛି। ଭାରତ ଓ ନେପାଳ ମଧ୍ୟରେ ଦୀର୍ଘଦିନର ଐତିହାସିକ, ସାଂସ୍କୃତିକ ଓ ସଭ୍ୟତାଗତ ସମ୍ପର୍କ ରହିଛି। ଦୁଇ ଦେଶର ଲୋକଙ୍କ ମଧ୍ୟରେ ମଧ୍ୟ ରହିଛି ବୃଦ୍ଧ ଆତ୍ମୀୟତା। ଏହି ସମ୍ପର୍କକୁ 'ରୋଟି-ବେଟି' ସମ୍ପର୍କ ଭାବେ ଅଭିହିତ କରାଯାଏ। ବାଣିଜ୍ୟ, ବିଜ୍ଞାଣମୂଳକ ସହଯୋଗ, ଶକ୍ତି, ଜଳସମ୍ପଦ, ଭୌତିକ ଓ ଡିଜିଟାଲ୍ ଯୋଗାଯୋଗ ଭଳି ବିଭିନ୍ନ କ୍ଷେତ୍ରରେ ଉଭୟ ଦେଶର ସହଯୋଗ ଭୂମାଗତ ଭାବେ ବୃଦ୍ଧି ପାଇଛି। ବାଲେନ୍ଦ୍ର ଶାହଙ୍କ ଏହି ଗସ୍ତ ଦୁଇ ଦେଶର ସମ୍ପର୍କକୁ ନୂଆ ଦିଗ ଦେବା ସହ ଭବିଷ୍ୟତର ସହଯୋଗକୁ ଅଧିକ ମଜବୁତ କରିବାରେ ସହାୟକ ହୋଇପାରେ।

ସୋମବାର ସାଢେ ୧୦ଟା ଯାଏଁ ବିଧାନସଭା ମୁଲତବୀ



ଘୋଷଣା କଲେ ବାଚସ୍ପତି

ଭୁବନେଶ୍ୱର,୨୦/୧୧(ନି/ପ): ସୋମବାର ସକାଳ ସାଢେ ୧୦ଟା ଯାଏଁ ବିଧାନସଭା ମୁଲତବୀ । ଗତକାଲି ସର୍ବସମ୍ମତି ବେଠକର ନିଷ୍ପତ୍ତି ଅନୁଯାୟୀ ବାତ୍ୟାକୁ ଦୃଷ୍ଟିରେ ରଖି ଆସନ୍ତାକାଲି ବିଧାନସଭା ବନ୍ଦ ରଖାଯାଇଛି । ଏନେଇ ବାଚସ୍ପତି ସୁରମା ପାତ୍ରୀ ଘୋଷଣା କରିଛନ୍ତି । ଶନିବାର ବିଧାନସଭାରେ ପ୍ରଶ୍ନୋତ୍ତର ବନ୍ଦ ରହିବ । ସୂଚନାନୁଯାୟୀ, ଆଜି ମଧ୍ୟ ବିଧାନସଭା ଆରମ୍ଭରୁ ହଙ୍ଗାମା ଦେଖିବାକୁ ମିଳିଥିଲା । ଗତକାଲି ଭଳି ସମାନ ପ୍ରସଙ୍ଗରେ ଗୃହ ମଧ୍ୟ ଭାଗରେ ବିରୋଧୀ ବିଜେଡି ଓ କଂଗ୍ରେସ ସଦସ୍ୟ ନାରାବାଜି କରିଥିଲେ । ବବ୍ୟା ପରିଚାଳନାରେ ସରକାରଙ୍କ ବିଫଳତା ନେଇ ସ୍ୱତନ୍ତ୍ର ଆଲୋଚନା ପାଇଁ ବିଜେଡି ଦାବି କରିଥିଲା । ସେହିପରି ଛୋଟିଆ ପ୍ରସଙ୍ଗରେ ଆଲୋଚନା କରିବାକୁ ଦାବି କରି ଗୃହ ମଧ୍ୟ ଭାଗରେ କଂଗ୍ରେସ ହଟଗୋଳ କରିଥିଲା । ଏହାପରେ ବିନ ସାଢେ ୧୧ଟା ଯାଏ ଗୃହକୁ ମୁଲତବୀ ଘୋଷଣା କରିଥିଲେ ବାଚସ୍ପତି । ତଥାପି ଗୃହକାର୍ଯ୍ୟ ସ୍ୱାଭାବିକ ନହେବାରୁ ବିଧାନସଭାକୁ ସୋମବାର ଯାଏ ମୁଲତବୀ ଘୋଷଣା କରିଛନ୍ତି ବାଚସ୍ପତି ।

ବାତ୍ୟା ଅକଭାନ୍‌କୁ ନେଇ ଆକ୍ସନ ମୋଡ୍‌ରେ କମିଶନରେଟ୍ ପୁଲିସ

ଗ୍ରାଉଣ୍ଡ ଜିରୋରେ ସିପିଙ୍କ ସ୍ଥିତି ସମୀକ୍ଷା



ଭୁବନେଶ୍ୱର,୨୦/୧୧(ନି/ପ): ବାତ୍ୟା ଅକଭାନ୍ କୁ ନେଇ ଆକ୍ସନ ମୋଡ୍‌ରେ କମିଶନରେଟ୍ ପୁଲିସ । ଗ୍ରାଉଣ୍ଡ ଜିରୋରେ ପହଞ୍ଚି ସ୍ଥିତି ସମୀକ୍ଷା କଲେ ଟ୍ରନ୍ ସିଟି ପୁଲିସ କମିଶନର । ବାଲିପାଟଣା ଥାନାର ବୁବୁଜିପୁର ପଞ୍ଚାୟତ ଗସ୍ତ କରି ସ୍ଥାନାନ୍ତରଣ ପ୍ରକ୍ରିୟାର ତଦାରଖ କଲେ ସିପି । ଆଣ୍ଡାର୍ଜା, ବିଡିଓ ଓ ସ୍ଥାନୀୟ ଜନପ୍ରତିନିଧିଙ୍କ ସହ ମିଶି ଲୋକଙ୍କୁ ଜଲେ ସଚେତନ । ଛୋଟ ଶିଶୁ ଓ ୧୭ ଜଣ ଗର୍ଭବତୀ ମହିଳାକୁ ଆମ୍ବୁଲାନ୍ସରେ ସ୍ଥାନାନ୍ତର ମଧ୍ୟ ଜଲେ । ବାତ୍ୟା ଆଶ୍ରୟସ୍ଥଳୀରେ ଲୋକଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତି ଯାଚଂ ଜଲେ । ସୂଚନାନୁଯାୟୀ, ଟ୍ରନ୍‌ସିଟି ପୁଲିସ କମିଶନର ଆଜି ଗ୍ରାଉଣ୍ଡ ଜିରୋରେ ପହଞ୍ଚି ସ୍ଥିତି ସମୀକ୍ଷା କରିଛନ୍ତି । ବାଲିପାଟଣା ଥାନାର ବୁବୁଜିପୁର ପଞ୍ଚାୟତ ଗସ୍ତ କରି ସ୍ଥାନାନ୍ତରଣ ପ୍ରକ୍ରିୟାର ତଦାରଖ କରିଛନ୍ତି । ନଦୀ କୂଳର ତଳିଆ ଓ ବିପଦସଙ୍କୁଳ ଅଞ୍ଚଳରୁ ଲୋକଙ୍କୁ ସୁରକ୍ଷିତ ସ୍ଥାନାନ୍ତର ପରେ ଲୋକଙ୍କ ଘର ଓ ସମ୍ପତ୍ତି ସୁରକ୍ଷା ପାଇଁ ପୋଲିସର ପାଟ୍ରୋଲିଂ ଜଡ଼ାଜଡ଼ି କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

ସ୍ଥିତି ଓ ଲୋକଙ୍କ ସୁରକ୍ଷା ବ୍ୟବସ୍ଥା ସମୀକ୍ଷା କଲେ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତି ଭାସନ



ଗଞ୍ଜାମ,୨୦/୧୧: ସମ୍ଭାବ୍ୟ ବାତ୍ୟାର ଲ୍ୟାଣ୍ଡଫଲ୍ ପ୍ରକ୍ରିୟା ଶେଷ ହୋଇଥିବାବେଳେ ପରବର୍ତ୍ତୀ ସ୍ଥିତି ଓ ଲୋକଙ୍କ ସୁରକ୍ଷା ବ୍ୟବସ୍ଥା ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତି ଭାସନ ସମୀକ୍ଷା କରିଛନ୍ତି। ଏହି କ୍ରମରେ ସେ ପୋଟଲାମପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଗଞ୍ଜାପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଥିବା ବାତ୍ୟା ଆଶ୍ରୟସ୍ଥଳୀ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ। ଏହି ପରିଦର୍ଶନ ସମୟରେ ଗଞ୍ଜାମ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ (ସିଡିଓ) ସମୀର କୁମାର ଜେନା, ଛତ୍ରପୁର ସିଡିଓ ସମିତ ଙ୍ଗମ୍ରାମଜିତ ସାହୁଙ୍କ ସମେତ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ। ଜିଲ୍ଲାପାଳ ସେଠାରେ ଲୋକଙ୍କ ସହ ଆଲୋଚନା କରିବା ସହ ରନ୍ଧାଖାଦ୍ୟର ମାନ ଯାଂଚ କରିଥିଲେ। ଏପରିକି ଜିଲ୍ଲାପାଳ ଓ ସିଡିଓ ନିଜେ ଲୋକଙ୍କୁ ରନ୍ଧା ଖାଦ୍ୟ ପରଷି ସେମାନଙ୍କ ସୁବିଧା ଓ ଆବଶ୍ୟକତା ସମ୍ପର୍କରେ ପଚାରି ବୁଝିଥିଲେ। ପୂର୍ବରୁ ବାତ୍ୟା 'ଅର୍ଣ୍ଣବ' ସମୟରେ ଏହି ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହେବା ସହ ଅନେକ ସ୍ଥାନରେ ଜଳ ପ୍ରବେଶ କରିଥିଲା। ତେଣୁ ପ୍ରଶାସନର ବିପଦପ୍ରବଣତା ଚିହ୍ନଟ ଓ ମ୍ୟାପିଂ (ଭଲନେରେବିଲିଟି ମ୍ୟାପିଂ) ଅନୁଯାୟୀ ଏହି ଅଞ୍ଚଳକୁ ସ୍ୱତନ୍ତ୍ର ପ୍ରାଧାନ୍ୟ ଦିଆଯାଇ ଲୋକଙ୍କୁ ଆସୁଆ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିଲା। ଆଶ୍ରୟସ୍ଥଳୀରେ ରହୁଥିବା ସମସ୍ତଙ୍କ ପାଇଁ ରନ୍ଧା ଖାଦ୍ୟ ସହ ଆବଶ୍ୟକୀୟ ସୁବିଧା ଯୋଗାର ଦିଆଯାଇଥିବା ଜିଲ୍ଲାପାଳ ସୂଚନା ଦେଇଥିଲେ। ଜିଲ୍ଲାପାଳ କହିଥିଲେ ଯେ, ବାତ୍ୟାର ଲ୍ୟାଣ୍ଡଫଲ୍ ପ୍ରକ୍ରିୟା ଶେଷ ହୋଇଥିଲେ ମଧ୍ୟ ଆସନ୍ତାକାଲି ସକାଳ ପର୍ଯ୍ୟନ୍ତ ପ୍ରଶାସନ ଓ ଜନସାଧାରଣଙ୍କୁ ସଜାଗ ରହିବାକୁ ପଡ଼ିବ।

ଟ୍ରମ୍ପ-ଜିନପିଙ୍ଗ-ପୁଟିନଙ୍କ ଐତିହାସିକ ତ୍ରିପାକ୍ଷିକ ବୈଠକ: 'ଶାନ୍ତି ଘୋଷଣାନାମା' ଜାରି କଲେ ତିନି ରାଷ୍ଟ୍ରମୁଖ୍ୟ



ସେନ୍‌ଜେନ୍,୨୦/୧୧: ଆମେରିକା, ଚୀନ୍ ଓ ରୁଷ ମଧ୍ୟରେ ବିଶ୍ୱ ଶାନ୍ତି ଓ ସୁରକ୍ଷା ପ୍ରସଙ୍ଗରେ ଏକ ଐତିହାସିକ ପଦକ୍ଷେପ ନିଆଯାଇଛି। ଚୀନ୍‌ର ସେନ୍‌ଜେନ୍ ସହରରେ ଗୁରୁବାର ତିନି ଦେଶର ରାଷ୍ଟ୍ରମୁଖ୍ୟ ଡୋନାଲ୍ଡ ଟ୍ରମ୍ପ, ସି ଜିନପିଙ୍ଗ ଓ ଭ୍ଲାଦିମିର ପୁଟିନଙ୍କ ମଧ୍ୟରେ ପ୍ରଥମ ଥର ପାଇଁ ତ୍ରିପାକ୍ଷିକ ବୈଠକ ହୋଇଛି। ଏହି ବୈଠକ ପରେ ତିନି ଦେଶ ପକ୍ଷରୁ 'ଶାନ୍ତି ଘୋଷଣାନାମା' ଜାରି କରାଯାଇଛି। ଏଥିରେ ପରମାଣୁ ଯୁଦ୍ଧ ଜେବେ ହେବା ଉଚିତ ନୁହେଁ ବୋଲି ତିନି ରାଷ୍ଟ୍ରମୁଖ୍ୟ ସହମତି ପ୍ରକାଶ କରିଛନ୍ତି। ଏଥିସହ ମିଳିତ ଜାତିସଂଘରେ ସଂସ୍କାର, ତେଁକ ଉତ୍ପାଦଯୋଗାଣ ବୃଦ୍ଧି ଓ ଅନ୍ତର୍ଜାତୀୟ ନ୍ୟାୟିକ ସଂସ୍ଥାରେ ରାଷ୍ଟ୍ରମୁଖ୍ୟ ଓ ସରକାରୀ ଅଧିକାରୀଙ୍କ ଆଜନଗତ ସୁରକ୍ଷା ଆଦି ପ୍ରସଙ୍ଗରେ ମଧ୍ୟ ସହମତି ହୋଇଛି। ଏସିଆ-ପ୍ରଶାନ୍ତ ମହାସାଗରୀୟ ଆର୍ଥିକ ସହଯୋଗ (ଏପେକ୍) ଶିଖର ସମ୍ମିଳନୀ ଅବସରରେ ସେନ୍‌ଜେନ୍‌ର ଜାଇନିନ୍ ଭିଲାରେ ଏହି ବୈଠକ ହୋଇଥିଲା। ବୈଠକ ଆରମ୍ଭରେ ଟ୍ରମ୍ପ ଏହାକୁ ଐତିହାସିକ ଘଟଣା ବୋଲି କହିଥିଲେ। ପରସ୍ପର ସହ ଆଲୋଚନା ଜରିବାର ସୁଯୋଗ ରହିଛି ବୋଲି ଟ୍ରମ୍ପ କହିଥିଲେ, ବଡ଼ ଶକ୍ତିଶାଳୀ ଦେଶଗୁଡ଼ିକ ମଧ୍ୟରେ ସହଭାବରହିଲେ ବିଶ୍ୱରେ ଶାନ୍ତି ବଜାୟ ରହିବ। ଜାରି ଘୋଷଣାନାମାରେ ଚାରିଟି ପ୍ରମୁଖ ପ୍ରସଙ୍ଗ ରହିଛି। ପ୍ରଥମତଃ, ଜାତିସଂଘ ସୁରକ୍ଷା ପରିଷଦର ସ୍ଥାୟୀ ସଦସ୍ୟ ଭାବେ ତିନିଦେଶ ଜାତିସଂଘରେ ସଂସ୍କାର ଆଣିବାକୁ ସହମତ ହୋଇଛନ୍ତି। ଦ୍ୱିତୀୟତଃ, ସମସ୍ତ ଦେଶର ଆବଶ୍ୟକତା ପୂରଣ ପାଇଁ ବିଶୋଧିତ ତୈଳ ଉତ୍ପାଦନ ଓ ଯୋଗାଣ ବୃଦ୍ଧି କରାଯିବ। ତୃତୀୟତଃ, ଅନ୍ତର୍ଜାତୀୟ ଅଦାଲତରେ ରାଷ୍ଟ୍ରୀୟ ଅଧିକାରୀଙ୍କ ଆଜନଗତ ସୁରକ୍ଷାକୁ ସମ୍ମାନ ଦିଆଯିବ। ଚତୁର୍ଥତଃ, ପରମାଣୁ ସୁଦ୍ଧରେ କେହି ବିଜୟୀ ହୋଇପାରିବେ ନାହିଁ ଏବଂ ଏପରି ଯୁଦ୍ଧ ଜେବେ ହେବା ଉଚିତ ନୁହେଁ ବୋଲି ତିନି ଦେଶ ପୁନର୍ବାର ସ୍ପଷ୍ଟ କରିଛନ୍ତି। ତେବେ ଏହି ବୈଠକରେ ସହମତି ସତ୍ତ୍ୱେ ୟୁକ୍ରେନ୍ ଯୁଦ୍ଧ, ଇରାନ ସ୍ଥିତି, ପରମାଣୁ ଅସ୍ତ୍ର ଓ ବାଣିଜ୍ୟ ପ୍ରସଙ୍ଗରେ ତିନି ଦେଶ ମଧ୍ୟରେ ମତଭେଦ ରହିଛି।

ଓଡ଼ିଶା ଉପକୂଳରେ ଲ୍ୟାଣ୍ଡଫଲ କଲା 'ଅକଭାନ'

ସୂଚନା ଦେଲା ଆଇଏମଡି





ଭୁବନେଶ୍ୱର,୨୦/୧୧(ନି/ପ): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଭୟଙ୍କର ସାମୁଦ୍ରିକ ବାତ୍ୟା 'ଅକଭାନ୍' ଏକ ମଧ୍ୟମ ଧରଣର ପୂର୍ଣ୍ଣିଝଡ଼ରେ ପରିଣତ ହୋଇଛି। ଝଡ଼ର ବାହ୍ୟ ସୀମା ଭଳନ ଆନ୍ଧ୍ର ପ୍ରଦେଶ ଏବଂ ଦକ୍ଷିଣ ଓଡ଼ିଶା ଉପକୂଳରେ ପହଞ୍ଚିଛି। ପୂର୍ଣ୍ଣିଝଡ଼ ଓଡ଼ିଶା ଉପକୂଳରେ ଲ୍ୟାଣ୍ଡଫଲ୍ କରିଛି। ଲ୍ୟାଣ୍ଡଫଲ୍ ପ୍ରକ୍ରିୟା ଆରମ୍ଭ ହୋଇସାରିଛି ଏବଂ ଏହା ଆସାମୀ ତିନି ଘଣ୍ଟା ପର୍ଯ୍ୟନ୍ତ ଜାରି ରହିବ ବୋଲି ଆଶା କରାଯାଇଛି। ଭାରତୀୟ ପାଣିପାଗ ବିଭାଗ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଏହି ସୂଚନା ଦେଇଛି। ପାଣିପାଗ ବିଭାଗର ରିପୋର୍ଟ ଅନୁସାରେ ବାତ୍ୟା ଘଟଂ ପ୍ରତି ୨୧ କିଲୋମିଟର ବେଗରେ ଅଗ୍ରସର ହେଉଛି। ଏହା ଉତର ଆନ୍ଧ୍ର ପ୍ରଦେଶରେ ହାଲୁକାରୁ ମଧ୍ୟମ ବର୍ଷା ହେବାର ସମ୍ଭାବନା ଅଛି। ଉପକୂଳ ଅଞ୍ଚଳର ଲୋକମାନଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ଭାରତ ପାଣିପାଗ ବିଭାଗ (ଆଇଏମଡି) ରିପୋର୍ଟ କରିଛି ଯେ ବାତ୍ୟା ଅକଭାନ ଶୁକ୍ରବାର ପୂର୍ବାହ୍ନରେ ଓଡ଼ିଶା ଉପକୂଳରେ ଲ୍ୟାଣ୍ଡଫଲ୍ କରିବା ଆରମ୍ଭ କରିଛି। ଏହି ପ୍ରକ୍ରିୟା ସମାପ୍ତ ହେବାକୁ ପ୍ରାୟ ତିନି ଘଣ୍ଟା ସମୟ ଲାଗିବ ବୋଲି ଆଶା କରାଯାଇଛି। ଶୁକ୍ରବାର ପ୍ରଚ୍ୟୁଷରେ 'ଗମ୍ଭୀର ପୂର୍ଣ୍ଣିଝଡ଼'ରୁ 'ପୂର୍ଣ୍ଣିଝଡ଼'ରେ ଦୁର୍ବଳ ହୋଇଥିବା ପୂର୍ଣ୍ଣିଝଡ଼ ଗୋପାଳପୁର ନିକଟରେ ଉତର ଆନ୍ଧ୍ର ପ୍ରଦେଶ-ଦକ୍ଷିଣ ଓଡ଼ିଶା ଉପକୂଳ ଅତିକ୍ରମ କରୁଛି। ସ୍ଥଳଭାଗ ଛୁଇଁବା ସମୟରେ ପବନର ବେଗ ଘଣ୍ଟାପ୍ରତି ୭୦-୮୦ କିଲୋମିଟର ରହିବ ଏବଂ ପବନ ୯୦ କିଲୋମିଟର ପର୍ଯ୍ୟନ୍ତ ବହିବ ବୋଲି ଆଶା କରାଯାଇଛି। ଲ୍ୟାଣ୍ଡଫଲ୍ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କ ସୁରକ୍ଷା ପାଇଁ ସମ୍ପୂର୍ଣ୍ଣ ସତର୍କତା ଅବଲମ୍ବନ କରାଯାଇଛି। ବିପଦସଙ୍କୁଳ ଅଞ୍ଚଳରୁ ଏପର୍ଯ୍ୟନ୍ତ ୩ ଲକ୍ଷରୁ ଅଧିକ ଲୋକଙ୍କୁ ସୁରକ୍ଷିତ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଛି। ଲ୍ୟାଣ୍ଡଫଲ୍ ପ୍ରକ୍ରିୟା ଶେଷ ନହେବା ପର୍ଯ୍ୟନ୍ତ କେହି ବି ଘରୁ ବାହାରକୁ ନଯାହାରିବାକୁ ଏବଂ ବାତ୍ୟା ଆଶ୍ରୟସ୍ଥଳୀ ଜିମ୍ମା ପଲ୍ଲୀ ଘର ଭିତରେ ସୁରକ୍ଷିତ ରହିବାକୁ ପ୍ରଶାସନ ପକ୍ଷରୁ କଡ଼ା ପରାମର୍ଶ ଦିଆଯାଇଛି। ପରବର୍ତ୍ତୀ ସମୟରେ ଉଦ୍ଧାର ଓ ଖାଦ୍ୟ ସଫା କାର୍ଯ୍ୟ ପାଇଁ ଓଡ୍ରାଫ୍, ଏନ୍‌ଡିଆରଏଫ୍ ଓ ଅଗ୍ନିଶମ ବାହିନୀକୁ ସଜାଗ ରଖାଯାଇଛି।

ବାତ୍ୟା ଅକବାନ ପାଇଁ ଗଞ୍ଜାମରେ ବସ୍ ଓ ଟ୍ରକ୍ ଚଳାଚଳ ବନ୍ଦ

ବ୍ରହ୍ମପୁର,୨୦/୧୧(ନି/ପ): ବାତ୍ୟା ଅକବାନ ପ୍ରଭାବକୁ ଦୃଷ୍ଟିରେ ରଖି ଜନସାଧାରଣଙ୍କ ସୁରକ୍ଷା ନିମନ୍ତେ ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ୨୦ ତାରିଖ ଶୁକ୍ରବାର ସମସ୍ତ ସରକାରୀ ଓ ଘରୋଇ ଯାତ୍ରୀବାହୀ ବସ ସମେତ ଟ୍ରକ ଚଳାଚଳ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଗଞ୍ଜାମ ଆରଟିଓଙ୍କ ପକ୍ଷରୁ ଗୁରୁବାର ଗଞ୍ଜାମ ଜିଲାର ସମସ୍ତ ଘରୋଇ ବସ ମାଲିକ ସଂଘ ଉଦ୍ଦେଶ୍ୟରେ ବିଜ୍ଞପ୍ତି ପ୍ରକାଶ ପାଇ ୨୦ ତାରିଖରେ ଜିଲାର ସମସ୍ତ ଅଞ୍ଚଳରେ ଯାତ୍ରୀବାହୀ ବସ ଚଳାଚଳ ବନ୍ଦ କରିବାକୁ ନିବେଦନ କରାଯାଇଛି। ସେହିପରି ଜିଲାର ସମସ୍ତ ଟ୍ରକ ସଂଘ ମାଲିକଙ୍କୁ ମଧ୍ୟ ଶୁକ୍ରବାର ମାଲ ପରିବହନ ଓ ଟ୍ରକ ଚଳାଚଳ ବନ୍ଦ ରଖିବାକୁ କୁହାଯାଇଛି। ଏପରେ ଆରଟିଓଙ୍କ ପକ୍ଷରୁ ଓଏସଆରଟିସି ଏବଂ ସିଟି ବସ ସେବା ପ୍ରଦାନ କରୁଥିବା ଚୁଟ ସଂସ୍ଥାକୁ ମଧ୍ୟ ଚିଠି ଲେଖି ସମସ୍ତପ୍ରକାରର ଯାତ୍ରୀବାହୀ ବସ ଚଳାଚଳ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରଶାସନର ଏହି ନିଷ୍ପତ୍ତି ଯୋଗୁ ବ୍ରହ୍ମପୁର ସହର ସମେତ ଜିଲାର ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଯାତାୟାତ କରୁଥିବା ୨ ହଜାରରୁ ଅଧିକ ସରକାରୀ ଓ ଘରୋଇ ବସ ବନ୍ଦ ରହିବ। ବ୍ରହ୍ମପୁର, ଛତ୍ରପୁର, ଗୋପାଳପୁର ସହରରେ ସିଟି ବସ ସେବା ବନ୍ଦ ରହିବା ସହ ଗ୍ରାମାଞ୍ଚଳରେ ଚାଲୁଥିବା ସରକାରୀ ବସ ମଧ୍ୟ ବନ୍ଦ ରହିବ।

ବିବାହ ଖୁସିରେ ଲାଗିଲା ଗ୍ରହଣ ! ଘାଟିରୁ ଖସିଲା ବସ୍, ୩ ମୃତ



ନୂଆଦିଲ୍ଲୀ,୨୦/୧୧: ବିବାହ ଉତ୍ସବର ଖୁସି ମାହୋଲକୁ ଫେରୁଥିଲେ । ମନରେ ଥିଲା ଅନେକ ସୁନର ସୃତି । ହେଲେ ଘରେ ପହଞ୍ଚିବା ପୂର୍ବରୁ ଯେ ମୃତ୍ୟୁ ଏମିତି ଜରି ବସିଥିବ, ତାହା କେହି କଳ୍ପନା ବି କରିନଥିଲେ । ହଠାତ୍ ଘାଟି ରାସ୍ତାରେ ଭୟସାମ୍ୟ ହରାଇଲା ମିନିବସ୍ । ଆଖି ପିନ୍ଧୁଳାକେ ୧୦୦ ଫୁଟ୍ ଗଭୀର ଖାଇକୁ ଖସିପଡ଼ିଲା ଗାଡ଼ି । ଚାରିଆଡ଼େ ଶୁଭିଲା ଚିତ୍କାର ଆଉ ଆର୍ତ୍ତନାଦ । ଏହି ଭୟଙ୍କର ଦୁର୍ଘଟଣାରେ ଚାଲିଯାଇଛି ୩ ଜଣଙ୍କ ଜୀବନ । ଅନେକ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି । ତାମିଲନାଡୁର ତିଣ୍ଡିଗୁଲ ଜିଲ୍ଲାରେ ଘଟିଛି ଏଭଳି ଛାତିଥରା ଦୁର୍ଘଟଣା । ଗୁରୁବାର ରାତିରେ କୋଡାଇକାନାଲ-ପାଲାନି ଘାଟି ରାସ୍ତାର ସାଉରିକାଡୁ ନିକଟରେ ଏକ ମିନିବସ୍ ନିୟନ୍ତ୍ରଣ ହରାଇ ୧୦୦ ଫୁଟ୍ ଗଭୀର ଖାଇକୁ ଖସିପଡ଼ିଥିଲା । ଦୁର୍ଘଟଣା ସମୟରେ ବସ୍‌ରେ ୨୪ ଜଣ ଯାତ୍ରୀ ଥିଲେ । ଏଥିରେ ୩ ଜଣଙ୍କ ମୃତ୍ୟୁ ହୋଇଥିବା ତିଣ୍ଡିଗୁଲ ସାଂସଦ ସଚିବାନନ୍ଦମ ଏକ ଫୋନ୍ ବାର୍ତ୍ତାଳାପରେ ସ୍ପଷ୍ଟ କରିଛନ୍ତି । ସୂଚନା ଅନୁସାରେ, ବସ୍‌ରେ ଥିବା ସମସ୍ତ ଯାତ୍ରୀ ପାଲାନିର ମଦିନା ନଗର ଏବଂ ଉଦୁମଲପେଟ ଅଞ୍ଚଳର ବାସିନ୍ଦା । ସେମାନେ କୋଡାଇକାନାଲର ପୁଜିଲୁଲ ନିକଟରେ ଆୟୋଜିତ ଏକ ବିବାହ ରିସେପ୍ସନ୍ ଓ ବିବାହ ପରବର୍ତ୍ତୀ କାର୍ଯ୍ୟକ୍ରମରେ ଯୋଗଦେଇ ଘରକୁ ଫେରୁଥିଲେ । ହେଲେ ରାସ୍ତାରେ ହିଁ ସବୁକିଛି ଓଲଟପାଲଟ ହୋଇଗଲା । ଦୁର୍ଘଟଣା ସମ୍ପର୍କରେ ଖବର ପାଇବା ପରେ ପାଲାନି ଓ କୋଡାଇକାନାଲରୁ ଅଗ୍ନିଶମ ବାହିନୀ, ପୁଲିସ ଏବଂ ସ୍ଥାନୀୟ ଲୋକେ ଦୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଥିଲେ । ଆରମ୍ଭ ହୋଇଥିଲା କୋରାଘାର ଉଦ୍ଧାର କାର୍ଯ୍ୟ । ଖାଇ ଭିତରୁ ଆହତ ଯାତ୍ରୀଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ନିକଟସ୍



କେନ୍ଦୁଝର ସମାଚାର
A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

କେନ୍ଦୁଝରରେ ଜିଲ୍ଲାସ୍ତରୀୟ 'ବିକଶିତ ଭାରତ ଯୁବ ନେତୃତ୍ୱ ସଂଳାପ-୨୦୨୬' ଅନୁଷ୍ଠିତ



କେନ୍ଦୁଝର,୨୦/୧୧(ନି/ପ୍ର): ଯୁବପିଢ଼ିଙ୍କ ମଧ୍ୟରେ ନେତୃତ୍ୱ ଦକ୍ଷତା, ସୃଜନଶୀଳ ଚିନ୍ତାଧାରା ଓ ରାଷ୍ଟ୍ର ନିର୍ମାଣରେ ସକ୍ରିୟ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଦରବାର ହଲ୍‌ଠାରେ ଜିଲ୍ଲାସ୍ତରୀୟ 'ବିକଶିତ ଭାରତ ଯୁବ ନେତୃତ୍ୱ ସଂଳାପ-୨୦୨୬'ର ଚାମ୍ପିଅନସିପ୍ ରାଉଣ୍ଡରେ ଯୁବ ପ୍ରତିଯୋଗୀମାନେ ପାଓ୍ୱାରପଏଣ୍ଟ ଉପସ୍ଥାପନା ମାଧ୍ୟମରେ 'ବିକଶିତ ଭାରତ' ଗଠନ ସମ୍ପର୍କିତ ନିଜସ୍ୱ ଚିନ୍ତାଧାରା, ଅଭିନବ ପରିକଳ୍ପନା ଓ ଦୃଷ୍ଟିକୋଣ ଉପସ୍ଥାପନ କରିଥିଲେ। ଏହା ମାଧ୍ୟମରେ ଯୁବପିଢ଼ିଙ୍କ ନେତୃତ୍ୱ ଦକ୍ଷତା, ସୃଜନଶୀଳତା ଓ ରାଷ୍ଟ୍ର ନିର୍ମାଣ ପ୍ରତି ସେମାନଙ୍କ ଅବଦାନକୁ ପ୍ରୋତ୍ସାହିତ କରାଯାଇଥିଲା। ବିକଶିତ ଭାରତ ଗଠନରେ ଯୁବପିଢ଼ିଙ୍କ ଚିନ୍ତାଧାରା, ଦକ୍ଷତା ଓ ନେତୃତ୍ୱର ଗୁରୁତ୍ୱ ରହିଛି। ଏଭଳି ପ୍ରତିଯୋଗିତା ଯୁବ ପ୍ରତିଭାମାନଙ୍କୁ ନିଜର ମତାମତ ଓ ଅଭିନବ ଚିନ୍ତାଧାରା ଉପସ୍ଥାପନ କରିବା ସହ ରାଷ୍ଟ୍ର ନିର୍ମାଣରେ ନିଜକୁ ସାମିଲ କରିବା ପାଇଁ ଏକ ଉପଯୁକ୍ତ ମଂଚ ପ୍ରଦାନ କରିଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ମନ୍ଦରାଧର ମହାଳିକ, ଏଷ୍ଟାବ୍ଲିସମେଣ୍ଟ ଅଫିସର ତଥା ଜେପୁଟି କଲେକ୍ଟର ଶ୍ରୀ ସଂଗ୍ରାମ ପରିଡ଼ା, ଜିଲ୍ଲା ତ୍ରୀଡ଼ା ଅଧିକାରୀ ଶ୍ରୀ ସରୋଜ କୁମାର ମଲ୍ଲିକ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ସାର୍ଥକ ଅଭିନନ୍ଦନ ରାଉତଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ ଯୁବ ପ୍ରତିଯୋଗୀମାନେ ଉପସ୍ଥିତ ଥିଲେ।

ଜିଲ୍ଲାସ୍ତରୀୟ ବିକଶିତ ଭାରତ ଆହ୍ୱାନ ପଥ କାର୍ଯ୍ୟକ୍ରମ ଅନୁଷ୍ଠିତ

ଖୋର୍ଦ୍ଧା,୨୦/୧୧(ନି/ପ୍ର):କ୍ରୀଡ଼ା ଓ ଯୁବ ସେବା ବିଭାଗ ତରଫରୁ ଜିଲ୍ଲା କ୍ରୀଡ଼ା ବିଭାଗ ଆନୁକୂଲ୍ୟରେ ଏବଂ ଜିଲ୍ଲା କ୍ରୀଡ଼ା ଅଧିକାରୀ ଗୀତାଞ୍ଜଳି ପଣ୍ଡାଙ୍କ ପରିଚାଳନାରେ ଜିଲ୍ଲା ସ୍ତରୀୟ ବିକଶିତ ଭାରତ ଆହ୍ୱାନ ପଥ ପିପିଟି ପ୍ରତିଯୋଗିତାରେ ବିଭିନ୍ନ ଶିକ୍ଷା ଅନୁଷ୍ଠାନ ଏବଂ ବିଭିନ୍ନ ବର୍ଗର ଯୁବ ସୋଷ୍ଟାଙ୍କୁ ନେଇ ଜିଲ୍ଲା ପାଇଁ କାର୍ଯ୍ୟାଳୟ ଜୟୀତାଙ୍କୁଡୁ ଟାଉନ୍‌ହଲ୍‌ ଠାରେ ଅନୁଷ୍ଠିତ ହୋଇଯାଇଅଛି ।

ସମ୍ଭାବ୍ୟ ବାତ୍ୟା 'ଅକଭାନ' ମୁକାବିଲା ନେଇ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ



କେନ୍ଦୁଝର,୨୦/୧୧(ନି/ପ୍ର): ସମ୍ଭାବ୍ୟ ବାତ୍ୟା 'ଅକଭାନ'ର ମୁକାବିଲା ତଥା ଜନସାଧାରଣଙ୍କ ଧନଜୀବନ ସୁରକ୍ଷା ନିମନ୍ତେ କେନ୍ଦୁଝର ଜିଲ୍ଲା ପ୍ରଶାସନ ପକ୍ଷରୁ ଆଗୁଆ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ଶ୍ରୀ ବିଶାଲ ସିଂହଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀକାଳୀନ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ବିଭିନ୍ନ ବିଭାଗର ପ୍ରସ୍ତୁତି ଓ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ବୈଠକରେ ଜିଲ୍ଲାପାଳ ଶ୍ରୀ ସିଂହ ବିଭିନ୍ନ ବିଭାଗର କାର୍ଯ୍ୟ ସମୀକ୍ଷା କରି ଜିଲ୍ଲାରେ ଜନସାଧାରଣଙ୍କ ଧନଜୀବନ ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦେଇ ସମସ୍ତ ବିଭାଗ ସମନ୍ୱୟ ରକ୍ଷା କରି ଆଗୁଆ ପ୍ରସ୍ତୁତି ଓ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କୃଷି ବିଭାଗର କୁକ୍ଷତ୍ରୀୟ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରି ଚାଷୀମାନଙ୍କୁ ସମ୍ଭାବ୍ୟ ବାତ୍ୟା ସମ୍ପର୍କରେ ସଚେତନ କରିବେ। ଅମଳ ଉପଯୋଗୀ ଫସଲକୁ ଯଥାଶୀଘ୍ର ଅମଳ କରି ସୁରକ୍ଷିତ ଓ ଶୁଷ୍କ ସ୍ଥାନରେ ରଖିବା ସହ ଅମଳ ହୋଇଥିବା ଧାନ ଓ ଅନ୍ୟାନ୍ୟ କୃଷିଜାତ ଦ୍ରବ୍ୟକୁ ବର୍ଷାରୁ ସୁରକ୍ଷା ଦେବା ପାଇଁ ଚାଷୀମାନଙ୍କୁ ଆବଶ୍ୟକୀୟ ପରାମର୍ଶ ଦେବାକୁ କୁହାଯାଇଛି। ଜିଲ୍ଲାର ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ସଜାଗ ରଖିବା ସହ ସାପ କାମୁଡ଼ା, ଝାଡ଼ାବାନ୍ତି ନିରୋଧକ ଔଷଧ ଓ ଅନ୍ୟାନ୍ୟ ଜରୁରୀକାଳୀନ ଔଷଧ ମହଜୁଦ ରଖିବାକୁ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ବିଶେଷକରି ଗର୍ଭବତୀ ମହିଳା, ପ୍ରସବ ତାରିଖ ନିଜତବର୍ତ୍ତୀ ଥିବା ମହିଳା, ପ୍ରସୂତି ମା' ଓ ନବଜାତ ଶିଶୁଙ୍କ ସୁରକ୍ଷା ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ କୁହାଯାଇଛି। ଆବଶ୍ୟକସ୍ଥଳେ ଗର୍ଭବତୀ ମହିଳାମାନଙ୍କୁ ପୂର୍ବରୁ ନିଜତସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର କିମ୍ବା ସୁରକ୍ଷିତ ସ୍ଥାନାନ୍ତର କରିବା ସହ ପ୍ରସବ ସେବା ଓ ଆମ୍ବୁଲାନ୍ସ ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ପରାମର୍ଶ ଦିଆଯାଇଛି। ଜିଲ୍ଲାରେ ଥିବା ସମସ୍ତ ବାତ୍ୟା ଆଶ୍ରୟସ୍ଥଳୀ ଓ ଆବଶ୍ୟକସ୍ଥଳେ ବିଦ୍ୟାଳୟ ଗୃହଗୁଡ଼ିକୁ ପୂର୍ବରୁ ପ୍ରସ୍ତୁତ ରଖିବାକୁ କୁହାଯାଇଛି। ଆଶ୍ରୟସ୍ଥଳୀଗୁଡ଼ିକରେ ପାନୀୟ ଜଳ, ଆଲୋକ, ଶୌଚାଳୟ, ପରିମଳ ଓ ଶୁଖିଲା ଖାଦ୍ୟର ବ୍ୟବସ୍ଥା ସୁନିଶ୍ଚିତ କରିବା ସହ ଡଳିଆ ଅଟ୍ଟଳ, ଦୁର୍ବଳ ଘର ଓ ବିପତ୍ତସଙ୍କୁଳ ସ୍ଥାନରେ ରହୁଥିବା ଲୋକଙ୍କୁ ଚିହ୍ନଟ କରି ଆବଶ୍ୟକସ୍ଥଳେ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବାକୁ କୁହାଯାଇଛି। ସମସ୍ତ କୂଳ ଉନ୍ନୟନ ଅଧିକାରୀ (ବିଡିଓ), ତହସିଲଦାର ଓ କୂଳରକ୍ଷୀୟ ବିଭାଗୀୟ ଅଧିକାରୀମାନେ ନିଜ ନିଜ ଅଂଚଳରେ ସମନ୍ୱୟ ରକ୍ଷା କରି ବାତ୍ୟା ମୁକାବିଲା ନିମନ୍ତେ ଆଗୁଆ ପ୍ରସ୍ତୁତି ଓ ନିୟମିତ କ୍ଷେତ୍ରସ୍ତରୀୟ ତଦାରଖ କରିବେ। ବିଶେଷକରି ଚଳିଆ ଓ ଜଳବନ୍ଦୀ ହେବାର ଆଶଙ୍କା ଥିବା ଅଟ୍ଟଳ, ଦୁର୍ବଳ ଘରେ ରହୁଥିବା ପରିବାର, ଗର୍ଭବତୀ ମହିଳା, ବୟସ୍କ, ବିତ୍ୟାଙ୍ଗ ଓ ଅସହାୟ ବ୍ୟକ୍ତିଙ୍କୁ ଚିହ୍ନଟ କରି ଆବଶ୍ୟକସ୍ଥଳେ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର ପାଇଁ ବ୍ୟବସ୍ଥା କରିବେ। ବାତ୍ୟା ଆଶ୍ରୟସ୍ଥଳୀଗୁଡ଼ିକରେ ପାନୀୟ ଜଳ, ବିଦ୍ୟୁତ୍, ଶୌଚାଳୟ ଓ ଖାଦ୍ୟର ସୁବିଧା ସୁନିଶ୍ଚିତ କରିବା ସହ ଗ୍ରାମପଞ୍ଚାୟତସ୍ତରରେ ଆବଶ୍ୟକୀୟ ରିଲିଫ୍ ସାମଗ୍ରୀ ମହଜୁଦ ରଖିବେ। ଏଥିସହ ବାତ୍ୟା ସମ୍ପର୍କିତ ସତର୍କ ସୂଚନା ଓ ଜନସଚେତନତା ବାର୍ତ୍ତା ଗ୍ରାମାଞ୍ଚଳରେ ପହଂଚାଇବା ସହ ଯୋଗାଣୀ ଜରୁରୀ ପରିସ୍ଥିତିର ତୁରନ୍ତ ମୁକାବିଲା ପାଇଁ ସଜାଗ ରହିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ତଥା ସମ୍ପୃକ୍ତ ସଂସ୍ଥାଗୁଡ଼ିକୁ ପାନୀୟ ଜଳ ଯୋଗାଣ ସ୍ୱାଭାବିକ ରଖିବାକୁ କୁହାଯାଇଛି। ସମସ୍ତ ନଳକୂପ କାର୍ଯ୍ୟକ୍ଷମ ରଖିବା ସହ ବ୍ଲିଚିଂ ପାଉଡର, ହାଲୋଜେନ ବଟିକା ଓ ପର୍ଯ୍ୟାପ୍ତ ପରିମାଣର ପାନୀୟ ଜଳ ମହଜୁଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଦ୍ୟୁତ ବିଭାଗକୁ ଆବଶ୍ୟକୀୟ ବିଦ୍ୟୁତ ଖୁଣ୍ଟ, ତାର ଓ ଅନ୍ୟାନ୍ୟ ଉପକରଣ ମହଜୁଦ ରଖିବା ସହ ଜରୁରୀକାଳୀନ ମରାମତି ପାଇଁ ସ୍ୱତନ୍ତ୍ର ଦଳ ପ୍ରସ୍ତୁତ ରଖିବାକୁ କୁହାଯାଇଛି। ଅଗ୍ନିଶମ ବିଭାଗ, ବିଡିଓ ଓ ପୌରାଂଚଳର କାର୍ଯ୍ୟନିର୍ବାହୀ ଅଧିକାରୀମାନେ ମିଳିତ ଭାବେ ବିପତ୍ତସଙ୍କୁଳ ଗଛ ଚିହ୍ନଟ କରି ସେଗୁଡ଼ିକର ଡାଳ ଛାଟିବା ସହ ବାତ୍ୟା ପରବର୍ତ୍ତୀ ସମୟରେ ରାସ୍ତାଘାଟ ଅବରୋଧମୁକ୍ତ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଏଥିସହ ପ୍ରାଣୀ ସମ୍ପଦ ବିଭାଗକୁ ଗୃହପାଳିତ ପଶୁଙ୍କ ସୁରକ୍ଷା, ଆବଶ୍ୟକ ଯୋଖାଦ୍ୟ ଓ ଔଷଧ ମହଜୁଦ ରଖିବାକୁ ଏବଂ ଯୋଗାଣ ବିଭାଗକୁ ଅତ୍ୟାବଶ୍ୟକ ସାମଗ୍ରୀ ଓ ଶୁଖିଲା ଖାଦ୍ୟର ପର୍ଯ୍ୟାପ୍ତ ମହଜୁଦ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ରହିଛି। ଜିଲ୍ଲା ଜରୁରୀକାଳୀନ କେନ୍ଦ୍ରକୁ ୨୪ ଘଂଟା କାର୍ଯ୍ୟକ୍ଷମ ରଖିବା ସହ ସେଫୋଣସି ଜରୁରୀ ପରିସ୍ଥିତିର ତୁରନ୍ତ ମୁକାବିଲା ପାଇଁ ସମସ୍ତ ବିଭାଗ ପ୍ରସ୍ତୁତ ରହିବାକୁ ଜିଲ୍ଲାପାଳ ଶ୍ରୀ ସିଂହ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ପ୍ରଧାନ, ଜିଲ୍ଲା ଅପାବଜନାଳ ଅଧିକାରୀ ଅଭିଳାଷ ପୁରୋହିତ ଏବଂ ଜିଲ୍ଲାର ସମସ୍ତ ସମ୍ପୃକ୍ତ ବିଭାଗୀୟ ଅଧିକାରୀ, ଉପଜିଲ୍ଲାପାଳ, ତହସିଲଦାର, ବିଡିଓ ଓ ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀମାନେ ଯୋଗଦେଇଥିଲେ।

ସଫେଇ କର୍ମଚାରୀ ଓ ଜଗୁଆଳିଙ୍କ ଭରସାରେ ନୂତନ ବସ୍‌ଷ୍ଟାଣ୍ଡ



ରାମନାଗୁଡ଼ା,୨୦/୧୧ (ନି/ପ୍ର): ସରକାରଙ୍କ କୋଟି କୋଟି ଟଙ୍କା ବିନିଯୋଗରେ ରାୟଗଡ଼ା ଜିଲ୍ଲା ରାମନାଗୁଡ଼ାରେ ନୂତନ ଭାବେ ନିର୍ମିତ ହୋଇଥିବା ବସ୍‌ଷ୍ଟାଣ୍ଡ ଏବେ ସଫେଇ କର୍ମଚାରୀ ଓ ଜଗୁଆଳିଙ୍କ ଭରସାରେ ଚାଲୁଛି। ଓଆରଏସଟିସି ଅଧୀନରେ ଥିବା ବୁଢିଟି ମୁଖ୍ୟମନ୍ତ୍ରୀ ବସ୍ ସେବା ଯଥା ଓଡ଼ିଶ୍ୟଏମ୍‌ଏମ୍‌୨୪୨ - ରାମନାଗୁଡ଼ା ଭାୟା ପେନ୍‌ଜମ୍ ଓ ଓଡ଼ିଶ୍ୟଏମ୍‌୨୪୩ - ରାମନାଗୁଡ଼ା ଭାୟା ସୁମୁହା ପ୍ରତିଦିନ ଚାଲୁଛି। ହେଲେ ଦୁର୍ଭାଗ୍ୟର ବିଷୟ, ବାର୍ଯ୍ୟ ଏକ ମାସ ହେଲା ଡଂଜଞ୍ଜଭଉର କୌଣସି କର୍ମଚାରୀଙ୍କ ଅନୁପସ୍ଥିତିରେ ବସ୍ ସେବା ଚାଲୁଛି। କର୍ମଚାରୀ ଅଭାବ ନା କର୍ମଚାରୀ ସରକାରୀ ଦରମା ଖାଉ ଘରେ ଶୋଇଛନ୍ତି, ତାହା ସାଧାରଣ ଜନତାଙ୍କ ମନରେ ପ୍ରଶ୍ନ ସୃଷ୍ଟି କରିଛି। ଏହି ଖବର ଗୁଞ୍ଜରଣ ହେବା ପରେ ଆମେ ଓଆରଏସଟିସି ଜିଲ୍ଲା ପରିଚାଳକଙ୍କ ମତାମତ ନେବାରୁ ସେ ପ୍ରଥମେ "ମୁଁ ଏ ବିଷୟରେ ଅବଗତ ନାହିଁ" ବୋଲି କହିଥିଲେ। ପୁଣି ଥରେ ଫୋନ୍ ମାଧ୍ୟମରେ କହିଲେ ଯେ ଘଟଣାଟି ସତ୍ୟ ଅଟେ। ଜିଲ୍ଲା ପରିଚାଳକ ଶ୍ରୀ ବିଜୁ ପ୍ରସାଦ ତ୍ରିପାଠୀଙ୍କ ଦୃଷ୍ଟିରୁ ଏ ଘଟଣା ରାମନାଗୁଡ଼ା ନୂତନ ଡଂଜଞ୍ଜଭ ବସ୍‌ଷ୍ଟାଣ୍ଡ ପ୍ରାୟ ଏକ ମାସ ହେଲା ବିନା ପରିଚାଳନା କର୍ତ୍ତୃପକ୍ଷଙ୍କ ଦ୍ୱାରା ପରିଚାଳିତ ହେଉଛି। ଏହି ଏକ ମାସ ମଧ୍ୟରେ ଅନେକ ଅନୈତିକ କାର୍ଯ୍ୟକଳାପ ଚାଲୁଥିବା ସର୍ବସାଧାରଣଙ୍କ ନଜରକୁ ଆସିଛି ଓ କିଛି ଭିଡିଓ ଭାଇରାଲ୍ ହେବା ନେଇ ଜନସାଧାରଣଙ୍କ ମୁହଁରୁ ଶୁଣିବାକୁ ମିଳୁଛି। ଏହି ସବୁ ବିଷୟ ଡଂଜଞ୍ଜଭ ଜିଲ୍ଲା ପରିଚାଳକଙ୍କ ନଜରକୁ ଆସିଥିଲେ ମଧ୍ୟ ସେ ନିବାଦିଷ୍ଟ ସାଜିଛନ୍ତି ବୋଲି ଅଭିଯୋଗ ହୋଇଛି। ବିଶେଷ ସୂତ୍ରରୁ ଜଣାପଡ଼ିଛି, ବୁଢିଟି ବସ୍‌ର ମାସିକ ଆଦାୟ ପ୍ରାୟ ଏକ ଲକ୍ଷ ଟଙ୍କା ହେଉଥିବା ବେଳେ ବର୍ତ୍ତମାନ ତାହା ବୁଢିଟି ବସ୍‌ର ମାସିକ ଆଦାୟ ୩୦ ହଜାର ଟଙ୍କା ମଧ୍ୟରେ ସୀମିତ ରହିଛି। ଜନସାଧାରଣ ଏବଂ କୁଦ୍ଧିଜୀବୀଙ୍କ ମନରେ ବିନା କର୍ମଚାରୀରେ ଏହି ଆଦାୟ ଟିକେଟ୍ ଟଙ୍କା ରାଜଦ୍ରୋଷକୁ ଯାଉଛି ନା ବ୍ୟାତମାଣା ହେଉଛି, ତାହା ଏଠାରେ ବଡ଼ ପ୍ରଶ୍ନ ଅଟେ। ମୁଖ୍ୟମନ୍ତ୍ରୀ ବସ୍ ଭୁକ୍ ସୁପରଭାଇଜର ପରିଚାଳନା ଦୁର୍ଘଟଣାରେ ଛୁଟିରେ ଅଛନ୍ତି ବୋଲି କୁହାଯାଉଛି। ରାମନାଗୁଡ଼ା ନୂତନ ଡଂଜଞ୍ଜଭ ବସ୍‌ଷ୍ଟାଣ୍ଡଟି ଜାତୀୟ ରାଜପଥ ୩୨୨ ନୟନରେ ଅବସ୍ଥିତ ହେବା ସତ୍ତ୍ୱେ ବସ୍ ?ଷ୍ଟାଣ୍ଡରେ କେବଳ ବୁଢଗୋଟି ମୁଖ୍ୟମନ୍ତ୍ରୀ ବସ୍ ସେବା ପ୍ରାପ୍ତ ହେଉଛି। ଉକ୍ତ ବସ୍‌ଷ୍ଟାଣ୍ଡରେ ୧୮ରୁ ୨୦ ଜଣ କର୍ମଚାରୀ ନିୟୋଜିତ ହୋଇଛନ୍ତି। ଏଠାରେ ପ୍ରକାଶ ଥାଉ ଯେ, ଓଡ଼ିଶା ସରକାରଙ୍କ ଦ୍ୱାରା କୋଟି କୋଟି ଟଙ୍କା ବିନିଯୋଗରେ ତିଆରି ବସ୍‌ଷ୍ଟାଣ୍ଡରୁ ଜନସାଧାରଣ ନିମ୍ନଲିଖିତ ସୁବିଧା ପାଇପାରୁ ନାହାଁନ୍ତି — ଯଥା ଶୌଚାଳୟ, ବିଶ୍ରାମଗାର, ଅନ୍ୟ ବସ୍‌ରୁ ଅପେକ୍ଷା, ମୃଦୁ ପାନୀୟ ଜଳ। ଏହି ସବୁ ସୁବିଧା ଜନସାଧାରଣ ପାଇବେ ବୋଲି ସରକାରଙ୍କ ଦୂରଦୃଷ୍ଟି ଥିବା ସୁଦ୍ଧେ ଏହି ସ୍ଥାନରେ ସବୁଦେବେଳ ଫାଟକ ବନ୍ଦ ରହିବା ନଜର ଆସିଛି। ଯାହାବାରା ସରକାରଙ୍କ ଦୂରଦୃଷ୍ଟି ସମ୍ପନ୍ନ ବିଚାଧାରାକୁ ଡଂଜଞ୍ଜଭ ରାମନାଗୁଡ଼ା ବସ୍ ଜର୍ମଚାରୀ ଜଳିଚଳାକ କରୁଥିବା ନଜିର ଆସିଛି।

ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳିତ



ଅନୁଗୋଳ,୨୦।୧୧(ନି/ପ୍ର): ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ଗତ ୧୬ ତାରିଖ ପୂର୍ବାହ୍ନରେ ଷ୍ଟାଫ୍ ଡାଇମଣ୍ଡ ସଭାଜିନୀ କକ୍ଷ ଠାରେ ପାଳିତ ହୋଇଯାଇଛି । 'ସାୟାବିକତା: ଲୋକପ୍ରିୟତା ବନାମ କର୍ତବ୍ୟବୋଧ' ହେଉଛି ଚଳିତ ବର୍ଷର ଜାତୀୟ ପ୍ରେସ ଦିବସର ପ୍ରସଙ୍ଗ । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମାୟାଧର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଥିଲେ, 'ଗଣମାଧ୍ୟମ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଏବଂ ଏହା କେବଳ ଖବର ପ୍ରକାଶ କରେ ନାହିଁ ବରଂ ଜନସାଧାରଣଙ୍କର ସ୍ୱର । ଗଣମାଧ୍ୟମ ଅନେକ ଅନ୍ୟାୟ, ଦୁର୍ନୀତି ଓ ଅବ୍ୟବସ୍ଥାକୁ ପ୍ରକାଶ କରି ଦେଶ ସମାଜକୁ ପଥ ପ୍ରଦର୍ଶନ କରିଛି । ସ୍ୱାଧୀନ ଗଣମାଧ୍ୟମ ଦ୍ୱାରା ଗଣତନ୍ତ୍ର ସୁଦୃଢ଼ ହୋଇଥାଏ ।' ମୁଖ୍ୟବକ୍ତା ଭାବେ ଅନୁଗୋଳ ସ୍ୱତଂ ଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ଶାନ୍ତନୁ କୁମାର ସର ଚଳିତ ବର୍ଷର ବିଷୟ ସମ୍ପର୍କରେ ବିସ୍ତୃତ ଭାବରେ ଆଲୋଚନା କରିବା ସହିତ ଜାମକ ସାୟାବିକତା ଏବଂ ଶସ୍ତା ଲୋକପ୍ରିୟତା ପଛରେ ଥିବା ମାନସିକତାକୁ ସମାଲୋଚନା କରିଥିଲେ । ଏହା ସହ ଗଣମାଧ୍ୟମରେ ଅନୁସଂଧାନମୂଳକ ସାୟାବିକତାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ ଦେବା ସହ ସାୟାବିକଙ୍କ ଦାୟିତ୍ୱବୋଧ ସମ୍ପର୍କରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁଶ୍ରୀ ସନମ୍ବିତା ସାହୁ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ବୈଠକରେ ଜିଲ୍ଲା ଓ ଉପଖଣ୍ଡ ସ୍ତରରୁ ଆସିଥିବା ବିଭିନ୍ନ ସାମାୟବିକମାନେ ଯୋଗ ଦେଇଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର କର୍ମଚାରୀ ମାନେ ସମସ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

ଆଦି କୈଳାସ ମାରାଥନରେ ସୋନପୁର ଅଗ୍ନିଶମ କର୍ମଚାରୀଙ୍କ ସଫଳତା

ସୁବର୍ଣ୍ଣପୁର,୨୦/୧୧(ନି/ପ୍ର): ସୋନପୁର ଦମକଳ କେନ୍ଦ୍ରରେ କାର୍ଯ୍ୟରତ ଅଗ୍ନିଶମ କର୍ମଚାରୀ ଗୋପବନ୍ଧୁ ନାଏକ(୩୬)ଙ୍କ ସଫଳତା । ଉତରାଖଣ୍ଡ ତୁରିଜିମ୍ ଡେଭଲେପମେଂଟ ବୋର୍ଡ ପକ୍ଷରୁ ଚାଇନା ଓ ନେପାଳ ସୀମା ଉତରାଖଣ୍ଡର ପିଥୋରାଗଡ଼ ଜିଲ୍ଲାର ଉଚ୍ଚ ପାର୍ବତ୍ୟ ବ୍ୟାସ ଉପତ୍ୟକାରେ ଆଦିକୈଳାସ ପରିକ୍ରମା ଉତ୍ସ.୨.୦ରେ ଶ୍ରୀ ନାଏକ ୧୦ମ ସ୍ଥାନ ଅଧିକାର କରିଛନ୍ତି। 'ଆଦି କୈଳାସ ପରିକ୍ରମା ସମୁଦ୍ର ପତନରୁ ୧୪ ହଜାର ୫୦୦ ଫୁଟ ଉଚ୍ଚତାରେ ପୁରକ ଥାଖା ସ୍ଥାନରେ ଏହି ପ୍ରତିଯୋଗିତା ଆୟୋଜନ ହୋଇଥିବାବେଳେ ଏଥିରେ ସାରା ଭାରତରୁ ୧୪୮ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଗୋପବନ୍ଧୁ ୭୦ କିଲୋମିଟର ଲମ୍ବ ବିଶିଷ୍ଟ ଏହି ମାରାଥନରେ ଭାଗ ନେଇ ୧୦ମ ସ୍ଥାନ ଅଧିକାର କରିଛନ୍ତି।

କେନ୍ଦୁଝରରେ ବଜରଙ୍ଗ ଦଳ ବିରୁଦ୍ଧରେ ବିଶାଳ ଆଦିବାସୀ ମେଲି ଆଉ ପ୍ରତିବାଦ



କେନ୍ଦୁଝର,୨୦/୧୧(ନି/ପ୍ର):ଗତ ୨୩ ଅକ୍ଟୋବର ୨୦୨୬ ତାରିଖରେ ଓଡ଼ିଶା କେନ୍ଦୁଝର ଜିଲ୍ଲାର ଘଟିସୁପୁରା ଥାନା ଅନ୍ତର୍ଗତ ବସନ୍ତପୁର ଗ୍ରାମରେ ଜାହେର ଗଡ଼ରେ ପାରମ୍ପରିକ ଗାଡିନାଡିଅନୁଯାୟୀ ପୂଜାଅର୍ଚ୍ଚନା ଚାଲିଥିବା ସମୟରେ, ହଠାତ୍ ଲାଠି, ଭୁଜାଲି, ତରବାରୀ ଏବଂ ବୁଢା ଉଡ଼ ଜଲିମାର୍ଗକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହୋଇ ପ୍ରାୟ ୨୦ ଜଣଲୋକଙ୍କର ଏକ ଦଳ ସେଠାରେ ପହଂଚିଥିଲେ। ଏହି ଦଳର ନେତୃତ୍ୱ ନେଇଥିଲେ ଘଟିସୁପୁରା ଥାନା ଅନ୍ତର୍ଗତ ବସନ୍ତପୁର ଗ୍ରାମର ହାଡି ବନ୍ଧୁଙ୍କ ପୁଅ ଅକ୍ଷୟ କୁମାର ସାହୁ ଏବଂ ମନ୍ତୁ ସେମାନେ ଜୋରଜବରଦସ୍ତି ସେହି ପବିତ୍ର ସ୍ଥାନ ଭତରକୁ ପଶିଆସିଥିଲେ, ଯେଉଁଠାରେ ଧର୍ମୀୟ ପୂଜାର୍ଚ୍ଚନା କରାଯାଇଥିଲା। ସେମାନେ ଅତ୍ୟନ୍ତ ଅଶ୍ଳୀ

ବିବିଧା

ଆଜିର ଦିନଟି

- ୧୮୯୩- ସିକାଗୋରେ ବିଶ୍ୱ ଧର୍ମ ସଂସଦର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଥିଲା ।
- ୧୮୯୫- ଭୂହାନ ଆନ୍ଦୋଳନର ପ୍ରବର୍ତ୍ତକ ସନ୍ଥ ବିନୋବା ଭାବେଙ୍କ ଜନ୍ମ ।
- ୧୯୨୯-ଆମେରିକୀୟ ନୌସେନା ହଣ୍ଡୁରାସ ଉପରେ ଆକ୍ରମଣ କଲା ।
- ୧୯୩୭- ଏଥେନ୍ସରେ ଏକ ଟ୍ରେନ୍ ଦୁର୍ଘଟଣାରେ ୧୬ ଜଣଙ୍କ ମୃତ୍ୟୁ ହୋଇଥିଲା ।
- ୧୯୬୧-ବିଶ୍ୱ ବନ୍ୟଜୀବ କୋଷର ସ୍ଥାପନା ।
- ୨୦୦୧-ଅଲକାଏଦା ଯୁକ୍ତରାଷ୍ଟ୍ର ଆମେରିକାରେ ଥିବା ବିଶ୍ୱ ବାଣିଜ୍ୟ କେନ୍ଦ୍ର ଉପରେ ଆକ୍ରମଣ କରିଥିଲା । ଏଥିରେ ୨୯ ୯୬ ଜଣଙ୍କର ମୃତ୍ୟୁ ହୋଇଥିଲା ।

ଶ୍ରମିକଙ୍କ କାମ କରିବ ରୋବଟ୍
ଥରକରେ ଉଠାଇବ ୨୫୦ କେଜି ଓଜନର ଜିନିଷ



ଚୀନ୍ ଦିନକୁ ଦିନ ନୂଆ ନୂଆ ଟେକ୍ନୋଲଜି ବିକଶିତ କରୁଥିବା ଦେଖାଯାଉଛି । ଏହି କ୍ରମରେ ଚୀନ୍ ରୋବଟିକ୍ସ ଦୁନିଆରେ ଏକ ବଡ଼ ସଫଳତା ହାସଲ କରିଛି । ଏଆଇ ସହାୟତାରେ ଏହା ଏଭଳି ଏକ ରୋବଟ୍ ବିକଶିତ କରିଛି, ଯାହାକୁ ଗୋଟେ ବାହୁବଳୀ ନରାବତ୍ କହୁଛନ୍ତି । ଜାଣନ୍ତୁ ଏଥା ୨୫୦ କେଜି ଓଜନର ଜିନିଷକୁ ନେଣ୍ଟ୍ ସହଜରେ ଉଠାଇ ନେଇପାରେ ।


ସାମାଜିକ ଗଣମାଧ୍ୟମରେ ଏହି ରୋବଟ୍‌କୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି । ଚାଇନିଜ୍ ଷ୍ଟାର୍ଟଅପ୍ କମ୍ପାନି 'ମ୍ୟାଜିକ୍‌ଲ୍ୟାବ୍' 'ମ୍ୟାଜିକ୍‌ବଟ୍' ନାମକ ଏକ ହ୍ୟୁମାନଏଡ୍ ରୋବଟ୍ ଡିଜାଇନ କରିଛି । ଏହା ୨୫୦ କିଲୋଗ୍ରାମ ପର୍ଯ୍ୟନ୍ତ ଓଜନ ବୋହିବାକୁ ସକ୍ଷମ । ଏହି ରୋବଟ୍‌ର ଏକ ରିଡିଓ ଡାରି କରାଯାଇଛି । ତେବେ ଆସନ୍ତା ଦିନଗୁଡ଼ିକରେ ଏହା କାରଖାନାରେ ଶ୍ରମିକଙ୍କ ସ୍ଥାନ ନେଇପାରେ ବୋଲି କୁହାଯାଉଛି । ରୋବଟ୍‌ଟି ପ୍ରଥମେ ୮୦ କିଲୋଗ୍ରାମ ଓଜନ ବୋହିଥିବା ବେଳେ ଏହା ପରେ ୧୨୦ କିଲୋଗ୍ରାମ ଏବଂ ଶେଷରେ ୨୫୦ କିଲୋଗ୍ରାମ ଓଜନ ବୋହିଥିବା ଦେଖାଯାଇଛି । ହାଲୁକା ଜିନିଷ ଉଠାଇବା ସମୟରେ ଏହି ରୋବଟ୍‌ର ବେଗ ସେକେଣ୍ଡ ପ୍ରତି ୦.୬ ମିଟର ଥିବା ବେଳେ ଭାରି ଓଜନ ଉଠାଇବା ସମୟରେ ଏହା ସେକେଣ୍ଡ ପ୍ରତି ୦.୩ ମିଟର ଥିଲା । ଅବଶ୍ୟ ରୋବଟ୍‌ଟି ଜେତେବ ଶକ୍ତିଶାଳୀ ନୁହଁନ୍ତି, ତଥାପି ଏଭଳିକ କାର୍ଯ୍ୟ ମଧ୍ୟ ଜରିବାକୁ ସକ୍ଷମ । ମୁଖ୍ୟତଃ ଉକ୍ତ ରୋବଟ୍‌କୁ କାରଖାନାରେ କାମ କରିବା ଉଦ୍ଦେଶ୍ୟରେ ଡିଜାଇନ୍ କରାଯାଇଛି । ଏହା ହେଉଛି ତୃତୀୟ ପିଢ଼ିର ଏଆଇ ରୋବଟ୍ । ଏହା ଜିନିଷ ଉଠାଇବା ସହ ଫାଙ୍କାରା କରିବା, ଏ୍ୟାଜି କରିବା ଏଭଳି ଯୋଡାମାରେ ମଧ୍ୟ କାମ କରିପାରିବ । ଜେତବ ସେତିକି ଜୁଝେଁ, ଏହା ପୋଖାକ ସଫା କରିବା, ପିଲାଙ୍କ ପାଇଁ ରୋବେଷ୍ଟ କରିବା, ଗଛରେ ପାଣି ଦେବା ଭଳି ଅନ୍ୟାନ୍ୟ ଘରୋଇ କାମ ବି କରିପାରିବ । ଏହାର ଅନ୍ୟତମ ବିଶେଷତ୍ୱ ହେଉଛି, ଏହା ଅତି ସୂକ୍ଷ୍ମ ଜିନିଷକୁ ମଣିଷଙ୍କ ଭଳି ସର୍ତ୍ତତାର ସହ ରଖିପାରେ । ଏହି ରୋବଟ୍‌ରେ ଆରଜିବିଡି କ୍ୟାମେରା, ଫିସ୍‌ଆଇ କ୍ୟାମେରା ଏବଂ ଅଲ୍ଟ୍ରାସୋନିକ ସେନସର୍ ଲାଗିଛି । ଥରେ ଚାର୍ଜ କଲେ ପାଞ୍ଚ ଘଣ୍ଟା ପର୍ଯ୍ୟନ୍ତ ଏହା ମଣିଷ ଭଳି ଚଲାବୁଲା, ବୌଦ୍ଧାବୌଦ୍ଧି କରିପାଏ । ସେହିପରି ଏଆଇ ସାହାଯ୍ୟରେ ଏହାର ବେଗକୁ କମ୍ ବେଶି ବି କରାଯାଇ ପାରିବ । ଏହି ରୋବଟ୍ ଏଆଇ ଇଣ୍ଟେନର ବ୍ୟବହାର କରିପାଏ । ଯାହାକି ଏହାକୁ ନୂଆ ଜାମ ଶିଖିବାରେ ସାହାଯ୍ୟ କରେ । ଅନ୍ୟପକ୍ଷରେ ଏହାକୁ ଚାଇନାର ବିଭିନ୍ନ କାରଖାନାରେ ବ୍ୟବହାର କରାଯାଇଥିବା ଜଣାପଡ଼ିଛି ।

୨୦୨୬ରେ 'କ୍ରିସ୍ ୪'



ହ୍ରିତିକ୍ ରୋଶନ ଚଳିତବର୍ଷ ଜଣିଜଡ଼ରେ ୨୫ ବର୍ଷ ପୂରଣ କରିଛନ୍ତି । ଏଇବର୍ଷ 'କ୍ରିସ୍ ୪'କୁ ନେଇ ମଧ୍ୟ ବଡ଼ ଅପଡେଟ୍ ଆସିଛି । ସୋକେଶ ରୋଶନଙ୍କ ଦ୍ୟର୍ଘାରେ ନିର୍ଦ୍ଦେ ଏଥିରେ ହ୍ରିତିକ୍ ନିର୍ଦ୍ଦେଶନା ଦେବେ ବୋଲି ଜଣାପଡ଼ିଛି । ନିବଟରେ ରାକେଶ ତାଙ୍କ ୭୬ ତମ ଜନ୍ମଦିନ ପାଳନ ଅବସରରେ ଗଣମାଧ୍ୟମକୁ ଦେଇଥିବା ଏକ ସାକ୍ଷାତକାରରେ କହିଛନ୍ତି ଯେ, 'କ୍ରିସ୍ ୪' ବାହାଗା ପାଇଁ ଆଉ ବେଶୀ ଦିନ ଲାଗିବ ନାହିଁ । ବନ୍ଦେଟ୍ ପାଇଁ ଆମେ ମାମଲର ଅଛୁ । ଆମେ ଏକ ସାମିନ ବଜେଟ୍ ମଧ୍ୟରେ ଫିଲ୍ମଟିକୁ ନିର୍ମାଣ କରିବୁ । ଆସନ୍ତା ବର୍ଷ ମଧ୍ୟ ଆଡ଼କୁ ଏହାର ସୁଟିଂ ଆରମ୍ଭ ହୋଇପାରେ । ୨୦୨୭ରେ ଆମେ ଏହାକୁ ରିଲିଜ୍ କରିବା ପାଇଁ ଯୋଜନା ରଖିଛୁ ।' ଏଠାରେ ପ୍ରକାଶ ଥାଉ କି, 'କ୍ରିସ୍ ୪' 'କ୍ରିସ୍' ସିରିଜର ଚତୁର୍ଥ ଫିଲ୍ମ ହେବ । ଏହାର ପ୍ରଥମ ଫିଲ୍ମ 'ଦୋଇ ମିଲ ଗୟା (୨୦୦୩), 'କ୍ରିସ୍'(୨୦୦୬) ଓ 'କ୍ରିସ୍ ୩'(୨୦୧୩) ରେ ଆସିଥିଲା । ହ୍ରିତିକ୍‌ଙ୍କ ଜାମ କଥା କହିବାକୁ ଗଲେ, ସେ ଶେଷ ଥର ପାଇଁ 'ୱାର୍ ୨' ଫିଲ୍ମରେ ଦେଖାଯାଇଥିଲେ । ଏଥିରେ ତାଙ୍କ ସହ ଜୁନିୟର୍ ଏନ୍‌ଟିଆର୍, ଜିଆନା ଆଡଲାନୀ ଲିଡ୍ ରୋଲରେ ନଜର ଆସିଥିଲେ । ଅୟାନ୍ ମୁଖାର୍ଜୀଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ବକ୍ସ ଅଫିସ୍‌ରେ ସେତେଟା ଭଲ ବ୍ୟବସାୟ କରି ନଥିଲା । ଏହି କାରଣରୁ ହ୍ରିତିକ୍‌ଙ୍କ କ୍ୟାରିୟର ମଧ୍ୟ ପ୍ରଭାବିତ ହୋଇଛି ।

ବୟସ ୧୫, ଉଚ୍ଚତା ୭ ଫୁଟ



ଅନେକ ଲୋକ ସେମାନଙ୍କ ଶାରୀରିକ ଗଠନକୁ ନେଇ ଚର୍ଚ୍ଚାରେ ଆସନ୍ତି । ଏହି କ୍ରମରେ ଦିହାର ଦରଭଙ୍ଗାର ଜଣେ ବାଳକ ନିଜର ଉଚ୍ଚତା ପାଇଁ ସର୍ତ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ୧୫ ବର୍ଷୀୟ ହରିଓମ୍‌ଙ୍କ ଉଚ୍ଚତା ୭ ଫୁଟ । ସେ ଏବେ ଏକାଦଶ ଶ୍ରେଣୀରେ ପାଠ ପଢୁଛନ୍ତି । ଭବିଷ୍ୟତରେ ସେ ପୁଲିସ ବାହିନୀରେ ଯୋଗଦେବାକୁ ଆଶା ରଖୁଛନ୍ତି । ଘରର ଅନ୍ୟ ସଦସ୍ୟଙ୍କ ଉଚ୍ଚତା ସାଧାରଣ ଅଟାବେଳେ, କେବଳ ହରିଓମ୍‌ଙ୍କ ଉଚ୍ଚତାରେ ଏପରି ଭିନ୍ନତା ଦେଖାଯାଇଛି । ସେହିପରି ହରିଓମ୍‌ଙ୍କ ବାପା ମୁନ୍ନା ଲଲନାଙ୍କୁ ଦୃଷ୍ଟିରେ ରଖି ତାଙ୍କ ଗାଲରୁ ଚିଆରି କରିଛନ୍ତି । ସେ ତାଙ୍କ ଶୌଚାଳୟ, ଶୋଇବା ଘର ଓ ରୋଷେଇ ଘରର ଉଚ୍ଚତା ଅନୁସାରେ ଦୋଚ୍ଚେ ଘାଡ଼େ ଘାଡ଼େଫୁଟ୍ ରଖିଛନ୍ତି । ଯଦ୍ୟପି ହରିଓମ୍ ଘର ମଧ୍ୟରେ ଆରାମରେ ଆଡଯାତ କରିପାରିବେ । ଏହାକୁ ନେଇ ହରିଓମ୍ କୁହନ୍ତି, ତାଙ୍କ ଉଚ୍ଚତା ବୟସ ତଡ଼ିଦା ସହ ତଡ଼ି ଚାଲିଥିଲା । ଏହାକୁ ନେଇ ତାଙ୍କର ଜୌଶସି ସମସ୍ୟା ମଧ୍ୟ ହୋଇ ନ ଥିଲା । ଅଧିକ ଉଚ୍ଚତା ପାଇଁ ତାଙ୍କ ସାଙ୍ଗମାନେ ତାଙ୍କୁ 'ଲମ୍ବୁ' ଡାକୁଥିବା ହରିଓମ୍ କୁହନ୍ତି । ସେ ଏବେ ପୁଲିସ୍ ଚାକିରି ପାଇଁ ପ୍ରସ୍ତୁତି ଚଳାଇଛନ୍ତି ।

ସ୍ୱାମୀଙ୍କ ସ୍ମୃତିରେ ସାଇତି ରଖିଛନ୍ତି ଟାଟୁ


ସ୍ୱାମୀ ଓ ସ୍ତ୍ରୀର ଏମର୍ଜ ଶବ୍ଦରୁ ଏକ ଅନନ୍ୟତ୍ୱ ସୃଷ୍ଟି । ପତି ପତ୍ନୀଙ୍କ ମଧ୍ୟରୁ କାହାର ମୃତ୍ୟୁ ହୋଇଗଲେ ଅନ୍ୟ ଜଣେ ତାଙ୍କୁ ପ୍ରତି ମୁହୂର୍ତ୍ତରେ ସ୍ମୃତି ହେଉଥାଏ । ସେ ଛାଡ଼ି ଯାଇଥିବା ଜିନିଷଗୁଡ଼ିକୁ ସ୍ମୃତି ଭାବେ ନିଜ ପାଖେ ସାଇତି ରଖିଥାନ୍ତି । ପଶ୍ଚିମ ଭର୍ଜିନିଆର ଏଞ୍ଜେଲିକା ରାଟକ୍ଲିଫ୍ ନାମ୍ନୀ ଜଣେ ୩୫ ବର୍ଷୀୟା ମହିଳା ତାଙ୍କ ସ୍ୱାମୀଙ୍କୁ ହରାଇବା ପରେ ଏପରି କିଛି କରିଛନ୍ତି ଯାହା ଶୁଣିବାକୁ ବେଶ୍ ଆଶ୍ଚର୍ଯ୍ୟ ଲାଗିବ । ଏଞ୍ଜେଲିକା ଓ ତାଙ୍କ ସ୍ୱାମୀ ଟିଙ୍କେ ପଲାଦିନର ବନ୍ଧୁ ଥିଲେ । ୨୦୨୧ ମସିହାରେ ଉଭୟ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ । ସେମାନଙ୍କର ପ୍ରେମର ନାମକ ୧୦ ବର୍ଷର ପୁଅ ଅଛି । ୫୫ ବର୍ଷ ବୟସରେ ନିଜେଇର ଅଜାନକ ମୃତ୍ୟୁ ହୋଇଯାଇଥିଲା । ସ୍ୱାମୀ ଚାଲିଯିବା ପରେ ଏଞ୍ଜେଲିକା ପୁରା ଭାଙ୍ଗି ପଡ଼ିଥିଲେ । ସେ ଏକ ନିଆରା ଉପାୟରେ ସ୍ୱାମୀଙ୍କ ସ୍ମୃତିକୁ ସାଇଁତି ରଖିବାକୁ ଇଚ୍ଛା କରିଥିଲେ । ଟିଙ୍କେଙ୍କ ଶରୀରରେ ୫୨ରୁ ଅଧିକ ଟାଟୁ ଥିଲା । ଏଞ୍ଜେଲିକା ଟିଙ୍କେଙ୍କ ହାତରେ ଥିବା ପିଟ୍‌ହେର୍ଡ ବିର୍ଚ୍ଚାର୍ଡ ହେଇମେଟ୍ ଟାଟୁକୁ ସାରା ଜୀବନ ସାଇତି ରଖିବାକୁ ଚାହିଁଥିଲେ । ଖପୁରୀ ଆକୃତିର ଏହି ଟାଟୁଟି ଟିଙ୍କେ ଏବଂ ତାଙ୍କ ପୁଅଙ୍କର ବହୁତ ପସନ୍ଦ ଥିଲା । ତେଣୁ ଏହି ଟାଟୁଟିକୁ ଏଞ୍ଜେଲିକା ସାରା ଜୀବନ ସାଇତି ରଖିବାକୁ ଇଚ୍ଛା କରିଥିଲେ । ତେଣୁ ଅନ୍ତ୍ୟେଷ୍ଟିର ସମୟରେ ଏଞ୍ଜେଲିକା ମାର୍କରରେ ଟାଟୁର ସଠିକ୍ ଅଂଶକୁ ଚିହ୍ନିତ କରିଥିଲେ । ଏହାପରେ ଟିଙ୍କେଙ୍କର ସେହି ଅଂଶକୁ କଟାଯାଇ ସେତ୍ ମାଇଁ ଲାଙ୍କ୍ ପରଓ୍ୱର୍ଡର ନାମକ କମ୍ପାନି ନିଜଟକୁ ପଠାଇ ଦିଆଯାଇଥିଲା । ଏହି କମ୍ପାନି ଚମଡ଼ାରେ ଥିବା ଟାଟୁକୁ ବହୁଦିନ ଧରି ସଂରକ୍ଷିତ ରଖିବା ପାଇଁ ଜଣାଯାଏ । ଏହି ପ୍ରକ୍ରିୟା ୯୦ ଦିନ ଧରି ଚାଲିଥିଲା । ଶେଷରେ କମ୍ପାନି ପକ୍ଷରୁ ଟିଙ୍କେଙ୍କ ଟାଟୁଟିକୁ ଜାଟ ଓ ଜାଡ ସୁକ୍ତ ପ୍ରେମରେ ବନ୍ଦ କରି ପଠାଯାଇଥିଲା ।

ଏହି ପ୍ରେମ୍ ଦେଖି ଏଞ୍ଜେଲିକା ଭାବବିହ୍ୱଳ ହୋଇଯାଇଥିଲେ । ଯେତେବେଳେ ସେ ଏହି ଟାଟୁକୁ ହାତରେ ନେଇଥିଲେ କିଛି ହଜିଗଲା ଜିନିଷ ହଠାତ୍ ଫେରି ଆସିଲା ପରି ତାଙ୍କୁ ଲାଗିଥିଲା । ଏନେଇ ଏଞ୍ଜେଲିକା ଏବଂ ପ୍ରେଷ୍ଟନ କୁହନ୍ତି, ଯେତେବେଳେ ସେମାନେ ଟିଙ୍କେଙ୍କୁ ମନେ ପକାନ୍ତି, ଏହି ପ୍ରେମ୍‌ମୁହୂ ଆଲିଙ୍ଗନ କରନ୍ତି । ଅନ୍ୟପଟେ ଏଞ୍ଜେଲିକା ଏହି ଘଟଣାକୁ ସାମାଜିକ ଗଣମାଧ୍ୟମରେ ସେୟାର୍ କରିବା ପରେ କେହି କେହି ତାଙ୍କର ପ୍ରଶଂସା କରିଥିବାବେଳେ ଆଉ କେହି କେହି ଏସ ନିରିଏଲ ଜିଲ୍‌ଲଙ୍କ ଭଳି କାମ କରିଥିବା କହିଛନ୍ତି ।

ନୁଡୁଲ୍ସ କଞ୍ଚା ଖାଉଥିଲେ ସାବଧାନ

ପିଲାଠୁ ବୟସ୍କ ସମସ୍ତଙ୍କ ପାଇଁ ଏକ ଇନ୍‌ଷ୍ଟାଣ୍ଟ ନୁଡୁଲ୍ସ ପ୍ରିୟ ଖାଦ୍ୟ ପାଲଟିଛି । ଏହା କମ୍ ସମୟରେ ପ୍ରସ୍ତୁତ ହୋଇଥାଏ । ତେବେ ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା ନୁଡୁଲ୍ସକୁ କଞ୍ଚା ଖାଇବା ଦ୍ୱାରା ଏହା ଶରୀର ପାଇଁ ବିପଜ୍ଜନକ ସାବ୍ୟସ୍ତ ହୋଇପାରେ । ନିକଟରେ ଲଇମ୍ପୁର ଜଲେ ୧୩ ବର୍ଷୀୟ ପିଲା ଜଳଖିଆରେ ତିନି ପ୍ୟାକେଟ୍ କଞ୍ଚା ନୁଡୁଲ୍ସ ଖାଇଥିଲା । ଖାଇବାର କିଛି ସମୟ ମଧ୍ୟରେ ତାର ପେଟରେ ଯନ୍ତ୍ରଣା ହୋଇ ବାନ୍ତି ହେବାରୁ ପରିବାର ଲୋକେ ପିଲାଟିକୁ ହସ୍‌ପିଟାଲକୁ ନେଇଥିଲେ । ତେବେ ଡାକ୍ତର ଚିକିତ୍ସା କରିବା ପୂର୍ବରୁ ହିଁ ପିଲାଟିର ମୃତ୍ୟୁ ହୋଇଯାଇଥିଲା । ଅଧିକ କଞ୍ଚା ନୁଡୁଲ୍ସ ଖାଇବାରୁ ପିଲାଟିର ମୃତ୍ୟୁ ହୋଇଥିବା ଡାକ୍ତର କହିଥିଲେ । ସାଧାରଣତଃ ନୁଡୁଲ୍ସକୁ କଞ୍ଚା ଖାଇବା ଦ୍ୱାରା ଏହା ସହଜରେ ହଜମ ହୋଇ ନ ଥାଏ । ଏହାଦ୍ୱାରା ହଜମ ପ୍ରକ୍ରିୟାରେ ବାଧା ସୃଷ୍ଟି ହୋଇ ବୁକ୍ ହେବା ଆଶଙ୍କା ଆଏ ।

ସେହିପରି ଇନ୍‌ଷ୍ଟାଣ୍ଟ ନୁଡୁଲ୍ସରେ ସୋଡିୟମ୍ ମାତ୍ରା ଅଧିକ ଥିବାରୁ ଏହା ସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁସାରେ, ଦିନକରେ ୨୦୦୦ମିଲିଗ୍ରାମରୁ ଅଧିକ ସୋଡିୟମ୍ ଗ୍ରହଣ କରିବା ବିପଜ୍ଜନକ । ଗୋଟିଏ ପ୍ୟାକେଟ୍ ଇନ୍‌ଷ୍ଟାଣ୍ଟ ନୁଡୁଲ୍ସରେ ପାଖାପାଖି ୧୮୨୯ ମିଲିଗ୍ରାମ୍ ସୋଡିୟମ୍ ଥାଏ । ଜଣେ ଏଭଳି ନୁଡୁଲ୍ସ ଦୁଇ ଚାରି ପ୍ୟାକେଟ୍ ଖାଇଲେ ଏହା ସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ ହୋଇପାରେ । ଅଧିକ ସୋଡିୟମ୍ ଯୋଗୁ ରକ୍ତଚାପ ଅଚାନକ ବଢ଼ିଯାଏ । ତେବଳ ସେତିକି ନୁହଁ ଏହା ବୃଦ୍ଧପିତ୍ତ ଓ ଦୃଢ଼ଦ୍ରବ ଉପରେ ମଧ୍ୟ ପ୍ରଭାବ ପକାଇଥାଏ । ସେହିପରି ନୁଡୁଲ୍ସକୁ କଞ୍ଚା ଖାଇବା ଦ୍ୱାରା ଡିଜାଇନ୍ତେସନ୍ ସମସ୍ୟା ସୃଷ୍ଟି ହେବା ସହ ମଧୁମେହ, କର୍କଟ ଆଦି ରୋଗ ଆଶଙ୍କା ବଢ଼ାଇ ଦେଇଥାଏ । ତେଣୁ ନୁଡୁଲ୍ସକୁ କଞ୍ଚା ନ ଖାଇ ରାନ୍ଧିବି ଖାଇବା ଉଚିତ ।



ଗୁମ୍ଫାରେ ପାଠାଗାର



ଚୀନ୍‌ର ସୁଆନ୍ଦି ଅଞ୍ଚଳରେ ଥିବା ମିଥଁହୁଆ ପାଠାଗାର ଏବେ ସାରା ବିଶ୍ୱର ଆକର୍ଷଣର କେନ୍ଦ୍ର ପାଲଟିଛି । ମେ ମାସରେ ଏହି ପାଠାଗାର ଖୋଲିବା ପରେ ତାର ସାମାଜିକ ଗଣମାଧ୍ୟମରେ ଏହା ଚର୍ଚ୍ଚାର ବିଷୟ ପାଲଟିଥିଲା । ତେବେ ଏହି ପାଠାଗାର ସମ୍ପର୍କରେ ଖାସ୍ କଥାଟି ହେଉଛି, ଏହା ଏକ ବଡ଼ ଗୁମ୍ଫା ମଧ୍ୟରେ ନିର୍ମାଣ କରାଯାଇଛି । ଏହା ପୁସ୍ତକ ପ୍ରେମୀଙ୍କ ସହ ପ୍ରକୃତି ପ୍ରେମୀଙ୍କ ମଧ୍ୟ ଧ୍ୟାନ ଆକର୍ଷଣ କରିଛି । ଏହି ଲାଇବ୍ରେରୀ ଏକ ପାହାଡ଼ ଚଟାଣ ମଧ୍ୟରେ ନିର୍ମାଣ କରାଯାଇଥିବାବେଳେ, ଏହାର ଚତୁଃପାର୍ଶ୍ୱରେ ସବୁକିମ୍ପା ଭରି ରହିଛି । ଦୂରରୁ ଦେଖିଲେ ଏହା ଏଆଇ ଦ୍ୱାରା ନିର୍ମିତ ଏକ ସ୍ଥାନ ପରି ମନେ ହୁଏ । ଏହି ପାଠାଗାରକୁ ଚାଲି ଚାଲି ମିନାର ହୋଇଥାଏ । ସେହିପରି ପାଠାଗାରକୁ ଯିବା ନିମନ୍ତେ ଭବିଷ୍ୟ ଜାଠ ନିର୍ମିତ ଗାସ୍ତା ଓ ଝୁଲନ୍ତା ବାଇସକୋଳ ସହିଁକ ମନ ଜିଣିଥାଏ । ଗୁମ୍ଫା ମଧ୍ୟରେ ଲୋକଙ୍କ ପଢ଼ିବା ପାଇଁ ହଜାର ହଜାର ଫଂଖ୍ୟକ ବହିକୁ ସଜାଇ ରଖାଯାଇଛି । ଏଠାରେ ଲୋକେ ବହି ପଢ଼ିବା ସହ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିପାରନ୍ତି । ଏହି ସ୍ଥାନ ଲଭୟମୁଞ୍ଜକପ୍ରେମୀ ଓ ପୁସ୍ତକନିପ୍ରେମୀଙ୍କ ମାଇଁ ସ୍ୱର୍ଗ ଭାବେ କଲାମାଏ । ସାମାଜିକ ଗଣମାଧ୍ୟମରେ ଏହାକୁ ନେଇ ଲୋକେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି ।

ଆଜିର ରାଶିଫଳ

ମେଷ: ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ । ସାମାଜିକ କାର୍ଯ୍ୟ ପାଇଁ ସମୟ ବାହାର କରିବେ । ଶୁଭ ଖବର ପାଇପାରନ୍ତି । ନୂଆ ଯାନ କିଣିବା ଯୋଗ ଅଛି । ଅପତ୍ୟରେ ସହକର୍ମୀଙ୍କ ସହଯୋଗ ରହିବ ।

ବୃଷ: ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ଧାର୍ମିକ କାର୍ଯ୍ୟରେ ସାମିଲ ହେବେ । ବ୍ୟବସାୟକୁ ନେଇ ଚିନ୍ତାରେ ରହିପାରନ୍ତି । ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ । ଗୁରୁଜନଙ୍କ ସ୍ୱାସ୍ଥ୍ୟସମସ୍ୟାକୁ ନେଇ ଚିନ୍ତିତ ରହିପାରନ୍ତି ।

ମିଥୁନ: ବ୍ୟବହାରରେ ସଂଯମତା ରକ୍ଷା କରିବେ । ଜଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ । ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ । କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ । ମାନ ସମ୍ମାନ ବୃଦ୍ଧି ପାଇବ ।

କର୍କଟ: ପରିବାର ସହିତ ହସଖୁସିର ସମୟ ବିତାଇବେ । ରାଜନେତାଙ୍କ ପାଇଁ ଦିନଟି ଭଲ । ବାପାମାଆଙ୍କ ସ୍ୱାସ୍ଥ୍ୟ ପାଇଁ ଅଧିକ ଯତ୍ନବାନ ହେବେ । ଛାତ୍ରଛାତ୍ରୀମାନେ ଭଲଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି ।

ସିଂହ: ଯାତ୍ରା ସମୟରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ । ଜୋର୍ ଜବରଗା ମାମଲାରୁ ଦୂରେଇ ରହିବେ । ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ । ଛାତ୍ରଛାତ୍ରୀ ପଢ଼ାରେ ମନଯୋଗ ଦେବେ ।

କନ୍ୟା: ବ୍ୟବସାୟରେ ଲାଭ ହେବ । ଆୟରୁ ଅଧିକ ବ୍ୟୟ କରିବେ । ନୂଆ କାମ ଆରମ୍ଭ କରିବେ । ଛାତ୍ରଛାତ୍ରୀ କ୍ରୀଡ଼ା ପ୍ରତିଯୋଗିତାରେ ସାମିଲ ହେବେ । ଜୌଶସି କଥାକୁ ନେଇ ମନ ଉଣା ଜଣାପଡ଼ନ୍ତି ।

ତୁଳା: ଗୁରୁତ୍ୱପୂର୍ଣ୍ଣ ଖବର ମିଳିବ । ପ୍ରତିଯୋଗିତା ମନୋଭାବ ନେଇ ବିଦ୍ୟାର୍ଥୀ ଆଗକୁ ବଢ଼ିବେ । ପାରିବାରିକ ସମସ୍ୟା ସମାଧାନ ହେବ । ହାତେ ମୋପି ବ୍ୟୟଖଣ୍ଡେ ଚାଲିବା ଭଲ । ଧାନ ଧର୍ମ କାରଣୁ ।

ବିଛା: ବୈବାହିକ ଜୀବନ ସୁଖମୟ ହେବ । ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ । ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ । ସାମାଜିକ କାର୍ଯ୍ୟରେ ସାମିଲ ହେବେ ।

ଧନୁ: ଅଳଶ ଲୋକଙ୍କଠାରୁ ଦୂରେଇ ରହିବେ । ଯୌର୍ଯ୍ୟର ସହ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ତୁଲାଇବେ । ଲାଭପ୍ରଦ ହୋଇ ନିଷ୍ପତ୍ତି ନେବାରୁ ନିଦ୍ୱାନ୍ତ ରହିବେ । ଅପିସ୍ ସହକର୍ମୀଙ୍କ ସହଯୋଗ କରିବେ ।

ମକର: ଘରେ ସୁଖ ସମୃଦ୍ଧି ବୃଦ୍ଧି ପାଇବ । ବାକିରିଆଙ୍କୁ ନୂତନ ନିଯୁକ୍ତି ମିଳିବ । ସନ୍ତାନ ସୁଖ ପ୍ରାପ୍ତ ହେବ । ପ୍ରେମ ସମ୍ପର୍କରେ ଲୁଚ ଦୁଃଖମଣା ସୃଷ୍ଟି ହେବ । ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ ।

କୁମ୍ଭ: ଧାରଜବରଜରୁ ଦୂରେଇ ରହିବେ । ବ୍ୟବସାୟ ବୃଦ୍ଧିକୁ ନେଇ ସାବଧାନତା ଅବଲମ୍ବନ କରିବେ । ବିରୋଧୀଙ୍କୁ ସାମ୍ନା କରିବେ । ଚିନ୍ତାଗ୍ରସ୍ତ ରହିବେ । ଜୀବନସାଥୀଙ୍କୁ ମନ କଥା କହିବେ ।

ମୀନ: ବିଦ୍ୟାର୍ଥୀ ପଢାଶାସରେ ସଫଳ ହେବେ । ବନ୍ଧୁଙ୍କ ସାହାଯ୍ୟ ମିଳିବ । ଜଳା କ୍ଷେତ୍ରରେ ସଫଳତା ମିଳିବ । ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ । ଜଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ । ବଡ଼ସୁ ସମସ୍ୟା ରୋଗିପାରନ୍ତି ।

ଉତ୍କଳ ସମାଗୁରୁ

ସମ୍ପାଦକୀୟ...

ଶନିବାର ୨୧ ନଭେମ୍ବର ୨୦୨୭

ସାହିତ୍ୟ ସନ୍ନ୍ୟାସୀ -ମନୋଜ ଦାସଉ

ଅକ୍ଷୟ କୁମାର ରାଉତ

